OUAT Publication No.- 2024110347

କୃଷି ବିଜ୍ଞାନ କେନ୍ଦ୍ର
କେନ୍ଦ୍ରାପଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

# ତୁଳସୀ
# The Tulasi

ICAR
Krishi Vigyan Kendra
Kendrapara
Odisha University Of
Agriculture & Technology
Bhubaneswar

ପଞ୍ଚଦଶ ସଂସ୍କରଣ ୨୦୨୪ ପ୍ରଥମ ସଂଖ୍ୟା

Volume - 15 No.1 2024



## କୁଳପତିଙ୍କ ବାର୍ତ୍ତା

ପରିବର୍ତ୍ତନଶୀଳ ଜଳବାୟୁ ଓ ନୂତନ ଖାଦ୍ୟଶୈଳୀ ଅନୁସାରେ କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ତଥା କୃଷକ ମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିଜ ଜିଲ୍ଲାର କୃଷକ ମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ ବାବଦରେ ପ୍ରଶିକ୍ଷିତ କରିବାରେ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡାର ଭୂମିକା ପ୍ରସଂଶନୀୟ । ଆଶା କରୁଛି ଜିଲ୍ଲାର କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ଉନ୍ନତି ଦିଗରେ ଏହି କେନ୍ଦ୍ର ବିଶେଷ ଭୂମିକା ବହନ କରିବ ଏବଂ କେନ୍ଦ୍ରପଡା ଜିଲ୍ଲାକୁ ଏକ ଅଗ୍ରଣୀ କୃଷି ଭିତ୍ତିକ ଜିଲ୍ଲାର ପରିଚୟ ପ୍ରଦାନ କରିବାରେ ସହାୟକ ହେବ । ଏହି କେନ୍ଦ୍ରରୁ ସମ୍ପ୍ରସାରିତ ଜ୍ଞାନ କୌଶଳ ଓ ସଫଳତାକୁ ନେଇ ପ୍ରକାଶିତ ହେଉଛି ସମାଚାର ପତ୍ରିକା 'ତୁଳସୀ' ।

ମୁଁ ଏହି ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

କୁଳପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ସଂମ୍ପ୍ରସାରଣ ଅଧକ୍ଷଙ୍କ ବାର୍ତ୍ତା



କୃଷି ଜ୍ଞାନକୌଶଳ ଓ ଅନ୍ୟ କୃଷି ଖବର ନେଇ କୃଷି କେନ୍ଦ୍ର କେନ୍ଦ୍ରାପଡ଼ା ରୁ ପ୍ରକାଶିତ ସମାଚାର ପତ୍ର 'ତୁଳସୀ' ର ପଞ୍ଚଦଶ ସଂସ୍କରଣ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀ ମାନଙ୍କର ଆବଶ୍ୟକତା କୁ ଭିତ୍ତି କରି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଆୟୋଜିତ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଯେପରିକି ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ, କ୍ଷେତ୍ର ପରୀକ୍ଷଣ, ଦକ୍ଷତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ତଥା ସଚେତନତା କାର୍ଯ୍ୟକ୍ରମ ଚାଷୀ ମାନଙ୍କ ଉନ୍ନତି ଦିଗରେ ବିଶେଷ ଗୁରୁତ୍ୱ ବହନ କରୁଛି । ଜଳବାୟୁ ଅନୁକୂଳ କୃଷି ପଦ୍ଧତି, ପ୍ରାକୃତିକ କୃଷି, ଫସଲ ବିବିଧିକରଣ ପ୍ରଭୃତି ଦିଗରେ ଏହି କେନ୍ଦ୍ର ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଜାରି ରଖିଛି । କୃଷି, ଉଦ୍ୟାନ କୃଷି, ପ୍ରାଣୀ ପାଳନ, ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଚାଷ ଉପରେ ଅନେକ ପ୍ରଦର୍ଶନୀ ଏକକ ସ୍ଥାପନ କରି କୃଷକ ମାନଙ୍କ ଦକ୍ଷତା ବୃଦ୍ଧି କରିବା ସହ ବ୍ୟାପକ ସଚେତନତା ସୃଷ୍ଟି କରିଆସୁଛି ।

ସମାଚର ପତ୍ର ''ତୁଳସୀ'' ର ବାର୍ତ୍ତା କୃଷକଙ୍କ କୃଷି କାର୍ଯ୍ୟରେ ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଅଧକ୍ଷ, ସଂମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ବାର୍ତ୍ତା

କେନ୍ଦ୍ରାପଡା ଜିଲ୍ଲାରେ ଉପଲବ୍ଧ ପ୍ରାକୃତିକ ସମ୍ବଳକୁ ଉପଯୋଗ କରି ଜିଲ୍ଲାର କୃଷକ ଓ କୃଷିଜୀବୀ ମହିଳାଙ୍କ ସମସ୍ୟା ଓ ସୁଯୋଗକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର କେନ୍ଦ୍ରାପଡା ଅନେକ ଗବେଷଣାଲବ୍ଧ ଜ୍ଞାନ କୌଶଳ କୁ ଋଷୀମାନଙ୍କ ନିକଟରେ ଉପଲବ୍ଧ କରାଇଛି । ପରିବର୍ତ୍ତନଶୀଳ ଜଳବାୟୁରେ ପ୍ରଚଳିତ କୃଷି ପଦ୍ଧତିରେ ପରିବର୍ତ୍ତନର ଆବଶ୍ୟକତାକୁ ହୃଦୟଙ୍ଗମ କରି ଏହି କେନ୍ଦ୍ର ଦ୍ୱାରା ଚଳିତ ବର୍ଷ ଅନେକ ଗୁଡିଏ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହାକୁ ପାଥେୟ କରି ସମ୍ପ୍ରତି ଆମ କେନ୍ଦ୍ରରୁ ସମାଚାର ପତ୍ର 'ତୁଳସୀ' ର ପଞ୍ଚଦଶ ସଂସ୍କରଣ ପ୍ରକାଶ ପାଉଅଛି । ଜିଲ୍ଲାର ଜଳବାୟୁ ଓ ସମସ୍ୟାକୁ ଲକ୍ଷ୍ୟ କରି କେତେକ ନୂତନ ଦିଗରେ ସମ୍ପ୍ରସାରଣ କାର୍ଯ୍ୟକ୍ରମମାନ କରାଯାଇଥିଲା, ଯେପରିକି ଧାନ ଆଧାରିତ ଜମିରେ ଫସଲ ବିବିଧିକରଣ, ସମନ୍ୱିତ କୃଷି ପଦ୍ଧତି, ପ୍ରାକୃତିକ କୃଷି ପ୍ରଣାଳୀରେ ଫସଲ ପରିଚାଳନା, ଉଚ୍ଚ ମୂଲ୍ୟଯୁକ୍ତ ଉଦ୍ୟାନ ଫସଲର ଉନ୍ନତ ମାନର ବିହନ ଓ ଚାରା ଉତ୍ପାଦନ, ଅଭିନବ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ତଥା ମାଛ ବିହନ ଉତ୍ପାଦନ, ମହିଳା ସଶକ୍ତିକରଣ ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ସମାଚାର ପତ୍ର 'ତୁଳସୀ' ଋଷୀମାନଙ୍କ ଗହଣରେ ଏହୁ ସମସ୍ତ ଉନ୍ନତ ଜ୍ଞାନ କୌଶଳ ପହଞ୍ଚାଇବାରେ ସହାୟକ ହେବ ବୋଲି ମୋର ଦୃଢ ବିଶ୍ୱାସ । ଏଥି ପାଇଁ ଶୁଭେଚ୍ଛା ଓ ଶୁଭକାମନା ।

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା

# (କ) ଗବେଷଣଲବ୍ଧ ଜ୍ଞାନ କୌଶଳ

## ବୁଣାଧାନରେ ସମନ୍ୱିତ ଫସଲ ପରିଚ୍ଳନା

### ବୁଣାଧାନ ରେ ସମନ୍ୱିତ ଫସଲ ପରିଚାଳନା

ଜଳବାୟୁ ପରିବର୍ତ୍ତନ ଦୃଷ୍ଟିକୋଣରୁ ରୁଆ ଧାନ ଅପେକ୍ଷା ବୁଣାଧାନ ଚାଷର ଗୁରୁତ୍ୱ ରହିଛି । ଏଣୁ କେନ୍ଦ୍ରାପଡା ଜିଲ୍ଲାରେ ବୁଣାଧାନ ଚାଷର ପ୍ରସାର ପାଇଁ ଗଣ୍ଡକୂଳ, ନିଳକଣ୍ଠପୁର ଓ ବିଲବଳରାମପୁର ଗ୍ରାମରେ ବୁଣାଧାନ ରେ ସମନ୍ୱିତ ଫସଲ ପରିଚାଳନା ଉପରେ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ବୁଣାଧାନରେ ମୁଖ୍ୟ ସମସ୍ୟା ଘାସ ଓ ଶ୍ରମ । ତେଣୁ ବୁଣାଧାନ କିପରି କମ୍ ଖର୍ଚ୍ଚ ଓ କମ୍ ଶ୍ରମ ରେ ହୋଇପାରିବ ସେଥିପାଇଁ, ଧାଡି ବୁଣା ମେସିନ୍ ସାହଯ୍ୟ ରେ ଧାନ ବୁଣି, ଘାସ ଦମନ ନିମନ୍ତେ ବୁଣିବାର ଦୁଇଦିନ ମଧ୍ୟରେ ଜମିରେ ବତର ଥିବା ଅବସ୍ଥାରେ ପାଇରାଜୋ ସଲ୍‌ଫ୍ୟୁରନ୍ ଇଥାଇଲ୍ ତୃଣନାଶକ ଏକରକୁ ୧୦୦ ଗ୍ରାମ ହିସାବରେ ଓ ଗଛ ଉଠିବାର ୨୦-୨୫ ଦିନ ପରେ ଏକର ପିଛା ଫେନୋକ୍ସାପ୍ରପ୍ ଇଥାଇଲ୍ (୫୦୦ ମି.ଲି.) + ଇଥୋକ୍ସି ସଲ୍‌ଫ୍ୟୁରନ୍ (୫୦ ଗ୍ରାମ) ତୃଣନାଶକକୁ ମିଶାଇ ସିଞ୍ଚନ କରାଯାଇ ଥିଲା । ଯାହା ଫଳରେ ଉତ୍ତମ ରୂପେ ଘାସ ଦମନ ହୋଇଥିଲା ଓ ଧାନ ବେଉଷଣ କରିବାକୁ ପଡିନଥିଲା । ମେସିନ୍ ସାହାଯ୍ୟରେ ବୁଣା ସହିତ ରାସାୟନିକ ପଦ୍ଧତିରେ ଘାସ ଦମନ ଓ ଖାଦ୍ୟ ସାରର ସମନ୍ୱିତ ପରିଚାଳନା ଯୋଗୁ ୩୨% ଖର୍ଚ୍ଚ କମିବା ସହିତ ନିଟ୍ ଲାଭ ପ୍ରାରମ୍ଭରିକ ପ୍ରଣାଳୀ ଠାରୁ ୨୬% ଅଧିକ ହୋଇଥିଲା ।





## ଚିନାବାଦାମ ଫସଲରେ ସମନ୍ୱିତ ଘାସ ପରିଚ୍ଳନା

୨୦୨୩-୨୪ ରବି ଋତୁରେ ଗରଦପୁର ବ୍ଲକ୍ ରେ ବ୍ରହ୍ମପୁର ଗ୍ରାମରେ ଚିନାବାଦାମ ଚାଷରେ ସମନ୍ୱିତ ଘାସ ପରିଚାଳନାର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଘାସ ଦମନ ପାଇଁ ବାଦାମ ବୁଣିବା ର ୨-୩ ଦିନ ମଧ୍ୟରେ ଏକର ପିଛା ୧୦୦୦ ମି.ଲି. ପେଣ୍ଡିମେଥାଲିନ୍ ଓ ଇମାଜେଥାପିର୍ ମିଶ୍ର ତୃଣନାଶକ କୁ ପ୍ରୟୋଗ କରାଯାଇ ଘାସ ନିୟନ୍ତ୍ରଣ ହେବା ସହ ଏକର ପିଛା ୯ କ୍ୱିଣ୍ଟାଲ୍ ବାଦାମ ଅମଳ ହୋଇଥିଲା । ଏଥିରେ ଏକ ପିଛା ନିଟ୍ ଲାଭ ୨୬୦୮୦ ଟଙ୍କା ହୋଇଥିବା ବେଳେ ଏଥିରେ ଚାଷ ପ୍ରଣାଳୀ ଠାରୁ ୬୦୦୦ ଟଙ୍କା ଅଧିକ ଲାଭ ମିଳିଥିଲା ।





## ଅଧିକ ଲାଭଦାୟକ ଡ୍ରାଗନ୍ ଫଳ ଚାଷ

ଡ୍ରାଗନ୍ ଫଳରେ ବିଭିନ୍ନ ଖାଦ୍ୟସାର ସହିତ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଥିବାରୁ ଓ ଏହାର ବଜାର ଚାହିଦା ବଢୁଥିବାରୁ ଏହାକୁ ଚାଷୀ ମାନଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ ଚାଲିଛି । ପ୍ରତିକୂଳ ଜଳବାୟୁରେ ଏହାକୁ ସଫଳ ଭାବରେ ଚାଷ କରାଯାଇପାରିବ । କୃଷି ବିଜ୍ଞାନ କେନ୍ଦ୍ର କେନ୍ଦ୍ରାପଡା ଦ୍ୱାରା ଡ୍ରାଗନ୍ ଫଳ ଚାଷର ଏକ ଆଗ ଧାଡି କ୍ଷେତ୍ର ପ୍ରଦର୍ଶନ ଜିଲ୍ଲାର ୧୦ ଜଣ ଚାଷୀଙ୍କ କ୍ଷେତ୍ରରେ କରାଯାଇଥିଲା । ଏଥିରୁ ପ୍ରାପ୍ତ ଫଳାଫଳ ଅନୁଯାୟୀ ଖୁଣ୍ଟ ପ୍ରତି ଲାଗୁଥିବା ୪ଟି ଗଛରୁ ହାରାହାରି ୨.୭୭ କି.ଗ୍ରା. ହିସାବରେ ଏକର ପ୍ରତି ୭.୨ କୁଇଣ୍ଟାଲ ଅମଳ ମିଳିବା ସହିତ ଏକର ପ୍ରତି ନିଟ୍ ଲାଭ ୫୭୪୦୦ ଟଙ୍କା ହୋଇଥିଲା । ଏହି ଫସଲର ମୂଳ ଖର୍ଚ୍ଚ ଅଧିକ ହୋଇଥାଏ କିନ୍ତୁ ପରବର୍ତ୍ତୀ ସମୟରେ ଖର୍ଚ୍ଚ ତୁଳନାରେ ଅଧିକ ଲାଭ ମିଳିଥାଏ ।

## ବିଲାତି ବାଇଗଣ ଫସଲରେ ପତ୍ର ସୁଡଙ୍ଗକାରୀ କୀଟ (Leaf miner) ର ପରିଚ୍ଳନା

ରବି ଋତୁରେ ଚାଷ ହେଉଥିବା ଫସଲମାନଙ୍କ ମଧ୍ୟରେ ବିଲାତି ବାଇଗଣ ଏକ ପ୍ରଧାନ ଫସଲ । ଏହି ଋତୁରେ ଶେଷ ଆଡକୁ ଯେତେବେଳେ ପରିବେଶର ତାପମାତ୍ରା ବଢିବାକୁ ଲାଗେ, ସେତେବେଳେ ପତ୍ର ସୁଡଙ୍ଗକାରୀ କୀଟର ପ୍ରାଦୁର୍ଭାବ ବଢିଥାଏ । ଏହି କୀଟ କେବଳ ଗଛର ପତ୍ରକୁ ନୁହେଁ, ଫଳକୁ ମଧ କଣା କରିଦେଇଥାଏ ଏବଂ ଏହା ଦ୍ୱାରା ଫସଲରେ ୫୦-୭୦ ପ୍ରତିଶତ ଅମଳ ହ୍ରାସ ହୋଇଥାଏ । ଏହାର ପରିଚାଳନାକୁ ନଜରରେ ରଖି ୨୦୨୩-୨୪ ରବି ଋତୁରେ ଏକ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ଗରଦପୁର ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ୧୦ ଜଣ ଚାଷୀଙ୍କ କ୍ଷେତ୍ରରେ କରାଯାଇଥିଲା । ଏଥିରେ ଆବାମେକ୍ଟିନ୍ ୧.୮ ଇ.ସି. କୁ ଏକର ପ୍ରତି ୧୨୦ ମି.ଲି. ଗଛ ରୋପଣର ୩୦ ଦିନ ପରେ ଏବଂ ଫିପ୍ରୋନିଲ୍ ୫% ଏସ୍.ସି. କୁ ଏକର ପ୍ରତି ୪୦୦ ମିଲି ହିସାବରେ ଫସଲ ଲଗାଇବାର ୪୫ ଦିନ ପରେ ସିଞ୍ଚନ କରାଯାଇଥିଲା । ଏହା ଦ୍ୱାରା ପତ୍ର ସୁଡଙ୍ଗକାରୀ କୀଟର ଆର୍କମଣ ୮୫% ହ୍ରାସ ପାଇଥିଲା ଏବଂ ଏକର ପିଛା ୯୮ କୁଇଣ୍ଟାଲ୍ ଅମଳ ଆସିଥିଲା ଯାହାକି ଚାଷୀମାନେ ପୂର୍ବରୁ କରୁଥିବା ପରିଚାଳନା ପଦ୍ଧତି ଅପେକ୍ଷା ଶତକଡା ୨୫.୪ ପ୍ରତିଶତ ଅଧିକ ଅମଳ ଥିଲା ।




## ଲଙ୍କା ଫସଲରେ ଅଷ୍ଟପଦୀ (Mite) ଓ ଉଙ୍କୁଣିଆ ପୋକ (Thrips) ର ସମନ୍ୱିତ ପରିଚ୍ଳନା

ପରିବର୍ତ୍ତନଶୀଳ ଜଳବାୟୁରେ ଲଙ୍କା ଫସଲରେ ନୂତନ ପୋକର ପ୍ରାଦୁର୍ଭାବ ବଢିବାରେ ଲାଗିଛି । ତନ୍ମଧ୍ୟରୁ ଉଙ୍କୁଣିଆ ପୋକ ଏବଂ ଅଷ୍ଟପଦୀ ଅନ୍ୟତମ । ଏମାନଙ୍କର ପ୍ରାଦୁର୍ଭାବ ରହିଲେ ଫସଲରେ ପାଖାପାଖି ୭୦ ପ୍ରତିଶତ ଅମଳ ହ୍ରାସ ହୋଇଥାଏ । ଏହାର ସମନ୍ୱିତ ପରିଚାଳନା ଉପରେ ଏକ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ ୨୦୨୩-୨୪ ରବି ଋତୁରେ ପହଣା ଓ ଗଣ୍ଡକୁଳ ଗ୍ରାମରେ ୧୦ ଜଣ ଚାଷୀଙ୍କ କ୍ଷେତରେ ନିଆ ଯାଇଥିଲା । ଏଥିରେ ଲଙ୍କା ଲଗାଇବା ପୂର୍ବରୁ ମାଟିରେ ଏକର ପିଛା ୧ କୁଇଣ୍ଟାଲ୍ ନିମ୍ବ ପିଡିଆ, ଗଛ ଲଗାଇବାର ୩୦ ଦିନ ପରେ ଏକର ପିଛା ୨୦ ଟି ନୀଳ ଅଠାଳିଆ ଯନ୍ତା ବସାଇବା ସହିତ ଡାଇଫେନ୍‌ଥିଉରନ୍ ୫୦ ଡବ୍ଲୁ.ପି. (୧ ଗ୍ରାମ ପ୍ରତି ଲିଟର ପାଣି) ଓ ସ୍ପାଇରୋମେସିଫେନ୍ ୨୪୦ ଏସ୍.ସି. (୦.୬ ମିଲି ପ୍ରତି ଲିଟର ପାଣି) କୁ ୧୦ ଦିନ ବ୍ୟବଧାନ ରେ ପତ୍ର ସିଞ୍ଚନ କରାଯାଇଥିଲା । ଏହି ସମନ୍ୱିତ ପରିଚାଳନା ପଦ୍ଧତି ଦ୍ୱାରା ଫସଲରେ ଅଷ୍ଟପଦୀ ଓ ଉଙ୍କୁଣିଆ ପୋକର ପ୍ରାଦୁର୍ଭାବ ୮୦% ଲୋପ ପାଇଥିଲା । ଏହି ପରିଚାଳନା ପଦ୍ଧତି ଦ୍ୱାରା ଚାଷୀଭାଇ ମାନେ ଏକର ପ୍ରତି ୨୫.୩ କୁଇଣ୍ଟାଲ୍ ଅମଳ ମିଳିଥିଲା, ଯାହାକି ପାରମ୍ପରକ ପରିଚାଳନା ପଦ୍ଧତି ଠାରୁ ୨୦.୩ ପ୍ରତିଶତ ଅଧିକ ଏବଂ ନିଟ୍ ଲାଭ ଏକର ପ୍ରତି ୬୬୬୦୦ ଟଙ୍କା ଥିଲା ।




## ଯାଆଁଳ ଉତ୍ପାଦନ ବୃଦ୍ଧି ପାଇଁ ନର୍ସରୀ ପୋଖରୀରେ ଗ୍ରୋଥ ପ୍ରମୋଟର ବ୍ୟବହାର

ନର୍ସରୀ ପୋଖରୀରେ ଯାଆଁଳ ବୃଦ୍ଧି ହାର ଏବଂ ଉତ୍ପାଦନ କମ୍ ରହୁଥିବାରୁ ଋଷୀମାନେ ବିଶେଷ ଲାଭବାନ୍ ହୋଇପାରୁନାହାନ୍ତି । ଏହାର ସମାଧାନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା ତରଫରୁ ୨୦୨୪ ମସିହାରେ କେନ୍ଦ୍ରାପଡା ବ୍ଲକ୍‌ର ଆୟେବା ଏବଂ ଡେରାବିଶ୍ ବ୍ଲକ୍‌ର ଋଟରାଚକଡା ଗ୍ରାମରେ ନର୍ସରୀ ପୋଖରୀରେ ଯାଆଁଳ ଉତ୍ପାଦନ ବୃଦ୍ଧି ପାଇଁ ଗ୍ରୋଥ୍ ପ୍ରମୋଟର ବ୍ୟବହାର ଉପରେ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏଥିରେ ୭ ଜଣ ଋଷୀଙ୍କ ପୋଖରୀରେ ମାଙ୍ଗାନସ୍ ସଲ୍‌ଫେଟ୍ ଏବଂ କୋବାଲ୍‌ଟସ୍ କ୍ଲୋରାଇଡ୍ କୁସ୍ପନ୍ ପ୍ରତି ୦.୦୧ ମି.ଗ୍ରା. ପ୍ରତିଦିନ ଗୁଣ୍ଡ ଖାଦ୍ୟରେ ମିଶାଇ ଖାଇବାକୁ ଦିଆଯାଇଥିଲା । ଅନ୍ୟ ୭ ଟି ପୋଖରୀରେ ଇଷ୍ଟ ପାଉଡରକୁ ପ୍ରତିଦିନ ସମୁଦାୟ ମାଛ ଖାଦ୍ୟର ୦.୫ ପ୍ରତିଶତ ହିସାବରେ ଖାଇବାକୁ ଦିଆଯାଇଥିଲା । ପ୍ରଥମ ପର୍ଯ୍ୟାୟ ପୋଖରୀ ଗୁଡିକରେ ଯାଆଁଳା ବଞ୍ଚିବା ହାର ୩୭.୫%, ମୋଟ୍ ଯାଆଁଳ (ଫ୍ରାଏ) ଏକର ଉତ୍ପାଦନ ୧୧ ଲକ୍ଷ ହେବା ସହିତ ୨୫ମି.ମି. ଆକାର ଫ୍ରାଏ ହେବା ପାଇଁ ୧୪ ଦିନ ସମୟ ଲାଗିଥିଲା । ଋଷୀମାନଙ୍କ ନିଜସ୍ୱ ପଦ୍ଧତିରେ ଯାଆଁଳ ବଞ୍ଚିବା ହାର ୨୯.୨୫%, ମୋଟ୍ ଫ୍ରାଏ ଉତ୍ପାଦନ ୯.୪ ଲକ୍ଷ ହେବା ସହିତ ୨୫ ମି.ମି. ଫ୍ରାଏ ହେବା ପାଇଁ ୧୯ ଦିନ ଲାଗିଥିଲା ।




## ସଘନ ମାଛ ଋଷରେ ଅନୁବଂଶୀୟ ଉନ୍ନତି (Genetically Improved) ଭାକୁର ମାଛ

ସାଧାରଣ ଭାକୁର ଅପେକ୍ଷା ଉନ୍ନତମାନର ଭାକୁର ମାଛ (Genetically Improved Catla) ର ଶରୀର ବୃଦ୍ଧି ଅଧିକ ହୋଇଥିବାରୁ ଏହାକୁ ସଘନ ପ୍ରଣାଳୀରେ ଅନ୍ୟ କାର୍ପ ସହିତ ଋଷ କରାଗଲେ ଅଧିକ ଅମଳ ମିଳିପାରିବ । ୨୦୨୪ ମସିହା ଖରିଫ ଋତୁରେ ମହାକାଳପଡା ବ୍ଲକ୍ ଅନ୍ତର୍ଗତ ସାହାବାଜପୁର ଗ୍ରାମରେ ସଘନ ମାଛ ଋଷରେ ଅନୁବଂଶୀୟ ଉନ୍ନତ ଭାକୁର ମାଛର ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ପୋଖରୀରେ ଉନ୍ନତ ଭାକୁର, ରୋହି ଓ ମିରିକାଳିର ଅଙ୍ଗୁଳିକା ଯାଆଁଳକୁ ୩:୪:୩ ହିସାବରେ ଏକର ପ୍ରତି ୪୦୦୦ ଗୋଟି ଛଡାଯାଇଥିଲା । ଯାଆଁଳ ଛାଡିବା ପରଠାରୁ ଉପଯୁକ୍ତ ପୋଖରୀ ଓ ଖାଦ୍ୟ ପରିଋଳନା କରିବାର ୩ ମାସରେ ଅନୁବଂଶୀୟ ଉନ୍ନତ ଭାକୁର ହାରାହାରି ୩୫୦ ଗ୍ରାମ୍ ପର୍ଯ୍ୟନ୍ତ ବଢିପାରିଛନ୍ତି, ଯାହାକି ସାଧାରଣ ଭାକୁର ଅପେକ୍ଷା ପ୍ରାୟ ୧୮% ଅଧିକ ।




## (ଖ) ତାଲିମ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଗ୍ରାମୀଣ ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ କୃଷି ପନ୍ଥାରେ ଉଦ୍ୟୋଗୀ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଦକ୍ଷତା ବୃଦ୍ଧି ତାଲିମ ଆୟୋଜନ କରାଯାଇଥିଲା । ସେ ମଧ୍ୟରୁ ଜିଆଖତ ଉତ୍ପାଦନ, ଉନ୍ନତ ମାନର ଫଳ ଓ ପନିପରିବା ଋରା ଉତ୍ପାଦନ, ଅତ୍ମନିର୍ଭର କୃଷି ନିମନ୍ତେ ମହୁମାଛି ପାଳନ, ବ୍ୟବସାୟ ଭିତ୍ତିକ ଛତୁ ଋଷ, ଛତୁ ମଞ୍ଜି ଉତ୍ପାଦନ ଓ ବର୍ଷକିଆ ମୁଣ୍ଡା ଯାଆଁଳା ଉତ୍ପାଦନ  ଏହି ସମସ୍ତ ତାଲିମ ୫ ଦିନିଆ ବିଶିଷ୍ଟ ଥିଲା ଓ ପ୍ରତ୍ୟେକ ତାଲିମ୍‌ରେ ୧୫ ପୁରୁଷ ଓ ୧୫ ମହିଳା ହିସାବରେ ସର୍ବମୋଟ ୧୮୦ ଜଣ ତାଲିମ୍ ଗ୍ରହଣ କରିଥିଲେ । ପାଠ୍ୟ ଖସଡା ହିସାବରେ ତାଲିମ୍ ଦିଆଯାଇଥିଲା ଏବଂ ବିଭିନ୍ନ ବିଷୟରେ ଦକ୍ଷତା ଭିତ୍ତିକ ଜ୍ଞାନ କୌଶଳ ଶିକ୍ଷା ଦିଆଯିବା ସହିତ ସରକାରୀ ଯୋଜନା ସଂପର୍କରେ ସବିଶେଷ ଆଲୋଚନା କରାଯାଇଥିଲା ।







## (ଗ) ଅନ୍ୟ ସମ୍ପ୍ରସାରଣ ଓ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକ୍ରମ

### ୧00 ଦିନିଆ କାର୍ଯ୍ୟକ୍ରମ

ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ପୂରଣ କରିବା ଦିଗରେ ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟଖସଡା ପ୍ରସ୍ତୁତ କରି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଥିଲେ । ତଦନୁଯାୟୀ ୧୦୦ ଦିନିଆ କାର୍ଯ୍ୟଖସଡା (୦୧ ଜୁଲାଇ ରୁ ୦୮ ଅକ୍ଟୋବର ୨୦୨୪) ପ୍ରସ୍ତୁତ କରି ବିଭିନ୍ନ କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା କରାଯାଇଥିଲା ।

| କାର୍ଯ୍ୟକ୍ରମର ନାମ | କାର୍ଯ୍ୟକ୍ରମର ସଂଖ୍ୟା | ଅଂଶଗ୍ରହଣକାରୀ ସଂଖ୍ୟା |
|---|---|---|
| (୧) ତାଲିମ ଓ ଦକ୍ଷତା | ୪୩ | ୧୨୯୦ |
| (୨) କଷ୍ଟମ ହାୟରିଙ୍ଗ ସେଣ୍ଟର | ୧୦ | ୧୭୦ |
| (୩) ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ | ୧୮ | ୩୬୦ |
| (୪) ଅନ୍ୟାନ୍ୟ ସଂପ୍ରସାରଣ କାର୍ଯ୍ୟକ୍ରମ | | |
| ଙ କ୍ଷେତ୍ର ପରୀକ୍ଷଣ | ୦୯ | ୯୫ |
| ଙ ମୃତ୍ତିକା ସ୍ୱାସ୍ଥ୍ୟ ଶିବିର | ୦୩ | ୧୫୦ |
| ଙ ସ୍ୱଚ୍ଛତା ହିଁ ସେବା | ୧୦ | ୫୦୦ |
| ଙ ବୃକ୍ଷ ରୋପଣ କାର୍ଯ୍ୟକ୍ରମ | ୧୦ | ୩୦୦ |

### ପ୍ରାକୃତିକ କୃଷି

କେନ୍ଦ୍ରାପଡା ଜିଲ୍ଲାରେ ପ୍ରାକୃତିକ କୃଷିର ପ୍ରସାର ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରରେ ୨୦୨୩-୨୪ ରେ ୮ ଟି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୯୫୦ ଜଣ କୃଷକଙ୍କୁ ସଚେତନ କରାଯାଇଥିଲା । ସେହିଭଳି ୬ ଗୋଟି ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୨୪୦ ଜଣଙ୍କୁ ପ୍ରାକୃତିକ କୃଷିରେ ବ୍ୟବହୃତ ହେଉଥିବା ଜୀବାମୃତ, ବୀଜାମୃତ, ନିମାସ୍ତ୍ର ଇତ୍ୟାଦି ଓ ପ୍ରାକୃତିକ କୃଷିର ସମ୍ପୂର୍ଣ୍ଣ ଋଷ ପଦ୍ଧତି ତାଲିମରେ ନିଜେ କରି ଶିଖିଥିଲେ । ଏହା ଛଡା ଜିଲ୍ଲାର ୧୨ ଜଣ ଅଗ୍ରଣୀ ଋଷୀଙ୍କୁ ନେଇ ପ୍ରାକୃତିକ କୃଷିର କ୍ଷେତ୍ର ପଦର୍ଶନ କରାଯାଇଥିଲା, ଯେଉଁଥିରେ ବାଇଗଣ + ଝୁଡଙ୍ଗ + ଗେଣ୍ଡୁଫୁଲ, ଭେଣ୍ଡି + ଗୁଆଁର + ଗେଣ୍ଡୁଫୁଲ, ପୋଟଳ + ଗେଣ୍ଡୁଫୁଲ ପ୍ରଭୃତି ଅନ୍ତଃଫସଲ ରେ  ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ କରାଯାଇଥିଲା ।





## ଜଳବାୟୁ ଅନୁକୂଳ ଚାଷ ପଦ୍ଧତି

### ଆମ ସଫଳ ଚାଷୀଙ୍କ କାହାଣୀ –

କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଗଜପୀଠ ଗ୍ରାମ ମଧ୍ୟ ଦେଇ ଚିତ୍ରୋପଳା ନଦୀର ସହାୟକ ନଦୀ ବାଘୁଣୀ ନଦୀ ପ୍ରବାହିତ ହୋଇଛି, ଯାହାକି ପ୍ରତିବର୍ଷ ଖରାଦିନେ ସମ୍ପୂର୍ଣ୍ଣ ଶୁଖିଯାଏ । ନଦୀ କୂଳିଆ ଗ୍ରାମ ହୋଇଥିଲେ ମଧ୍ୟ ଅନ୍ୟ କୌଣସି ଜଳସେଚନର ସୁବିଧା ନଥିବାରୁ ଗ୍ରାମର କୃଷକ ମାନେ ଖରିଫ୍ ଋତୁ ପରେ ଅନ୍ୟ କୌଣସି ଫସଲ କରିବାରୁ ବଞ୍ଚିତ ରହୁଥିଲେ । ଏହି ସମସ୍ୟାକୁ ଆଖିରେ ରଖି ଗ୍ରାମର ଜଣେ ଅଭିଜ୍ଞ ଚାଷୀ ଶ୍ରୀ ରବୀନ୍ଦ୍ର ନାୟକ, ବୈଜ୍ଞାନିକଙ୍କ ପରାମର୍ଶରେ ନଦୀ ଶଯ୍ୟାରେ ୧୦ଫୁଟ ଦୈର୍ଘ୍ୟ ୮ଫୁଟ ପ୍ରସ୍ଥ ଓ ୧୨ଫୁଟ ଗଭୀରତା ମାପର ୫ ଗୋଟି ଗାଡିଆ ଖୋଳିଥିଲେ । ଏହି ଗାଡିଆର ଜଳକୁ ବ୍ୟବହାର କରି ଶିତ ଓ ଖରା ଦିନିଆ ପନିପରିବା ଚାଷ ସଫଳ ଭାବରେ କରିପାରିଥିଲେ । ରବୀନ୍ଦ୍ର ଲେଙ୍କାଙ୍କର ଏହି ସଫଳତା ଦ୍ୱାରା ଅନୁପ୍ରାଣିତ ହୋଇ ଗ୍ରାମର ଅନ୍ୟଚାଷୀମାନେ ଏହି ଜ୍ଞାନକୌଶଳକୁ ଆପଣେଇ ଚାଷ ଆରମ୍ଭ କଲେଣି ।





## ସୌର ଶକ୍ତିର ସଞ୍ଚୟ ଓ ବିନିଯୋଗ ପାଇଁ ପିଏମ୍ କୁସୁମ ଯୋଜନା

ପାରମ୍ପରିକ ଶକ୍ତିର ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ସୁସ୍ଥ ଏବଂ ଅକ୍ଷୟ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଏକ ସ୍ଥିର ଏବଂ ନିରାପଦ ଶକ୍ତି ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କର ପି.ଏ.ମ୍. କୁସୁମ ଏକ ଅଭିନବ ଯୋଜନା । ଏଥିରେ ହିତାଧିକାରୀ ନିଜର ଜମି ଓ ଜଳର ଉତ୍ସର ବିନିଯୋଗ କରି ବିଦ୍ୟୁତ ଗ୍ରୀଡ୍ ସ୍ଥାପନ କରିବେ । ଏଥିରେ ଏକ ୦.୫ ମେଗାୱାଟ୍ ପ୍ଲାଣ୍ଟ ପାଇଁ ସର୍ବନିମ୍ନ ୨ ରୁ ୩ ଏକର ଜମିର ଆବଶ୍ୟକତା ରହିଛି ଏବଂ ଏଥିରୁ ଶତକଡା ୩୦ ଭାଗ ଜମିରେ ବିଦ୍ୟୁତ୍ ସୋଲାର ପ୍ୟାନେଲ୍ ସ୍ଥାପନ ପାଇଁ ବ୍ୟବହୃତ ହୋଇଥାଏ । ଏକ ମେଗାୱାଟ୍ ଗ୍ରୀଡ୍ ରୁ ଦିନକୁ ପ୍ରାୟ ୪୦୦୦ କିଲୋୱାଟ (୪୦୦୦ ୟୁନିଟ୍) ବିଜୁଳି ଶକ୍ତି ଉତ୍ପାଦନ ହେବା ସହିତ ସଂପୂର୍ଣ୍ଣ ପ୍ଲାଣ୍ଟ ସ୍ଥାପନରେ ୩.୫ ରୁ ୪ କୋଟି ଖର୍ଚ୍ଚ ହେବ ଏବଂ ଏହି ପ୍ଲାଣ୍ଟ ସ୍ଥାପନ ପାଇଁ ବ୍ୟାଙ୍କର ଋଣ ମଧ୍ୟ ନିଆଯାଇପାରିବ । ଏହି ଯୋଜନା ବିଷୟରେ ସବିଶେଷ ଆଲୋଚନା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ରେ ଏକ ସଚେତନତା କାର୍ଯ୍ୟକ୍ରମ ASCIର ସହଯୋଗରେ ୦୫ ନଭେମ୍ବର ୨୦୨୪ ରେ ୩୫ ଜଣ ଇଚ୍ଛୁକ ଚାଷୀମାନଙ୍କୁ ନେଇ ଆୟୋଜନ କରାଯାଇଥିଲା ।

## ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସଂକ୍ଷେପରେ

- ନିକ୍ରା ପ୍ରକଳ୍ପ ପୋଷ୍ୟ ଗ୍ରାମ ଗଜପୀଠରେ ୨୩ ଫେବୃୟାରୀ ୨୦୨୪ରେ ପ୍ରତିକୂଳ ଜଳବାୟୁ ସହଣୀ କାର୍ଯ୍ୟ କୌଶଳ ଉପରେ ଏକ କୃଷକ ମେଳା ତଥା କୃଷି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାର କୃଷି ଓ ଆନିସଙ୍ଗିକ ବିଭାଗର ପ୍ରମୁଖ ଅଧିକାରୀ ମାନଙ୍କ ସହିତ ୨୫୦ ଜଣ କୃଷକ ଓ କୃଷିଜୀବୀ ମହିଳା ଯୋଗ ଦେଇଥିଲେ ।
- ଜୁନ୍ ମାସ ୫ ତାରିଖ ୨୦୨୪ ରେ କୃଷି ବିଜ୍ଞାନ କେନ୍ଦ୍ରାପଡାରେ ୩୦ ଜଣ କୃଷିଜୀବୀ ପୁରୁଷ ଓ ମହିଳା ମାନଙ୍କୁ ନେଇ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।
- ୨୦୨୪ ଅଗଷ୍ଟ ୨୪ ତାରିଖ ୨୦୨୪ ରେ ଓୟୁଏଟିର ପ୍ରତିଷ୍ଠା ଦିବସ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦ୍ରାପଡା ରେ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଧାପ୍ରସାରଣ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଲୋକାଭୀମୁଖୀ କାର୍ଯ୍ୟକ୍ରମ ବିଷୟରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଇଥିଲା ।
- ଖରିଫ୍ ଋତୁ ୨୦୨୪ ରେ ୩ ଟି ମୃତ୍ତିକା ସ୍ୱାସ୍ଥ୍ୟ ଶିବିର ରଘୁନାଥପୁର, କାନପୁରା ଓ ନୀଳକଣ୍ଠପୁର ଗ୍ରାମରେ ୧୫୦ ଜଣ କୃଷକ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଥିରେ ମୃତ୍ତିକର ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହିତ ନମୁନା ମାଟି ସଂଗ୍ରହ କରାଯାଇଥିଲା ।
- କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଜିଲ୍ଲାର ବିଭିନ୍ନ ବ୍ଲକ୍ ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ (ମା' ପାଇଁ ଗଛଟିଏ) ସଂପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ୮୦୦ ଜଣ ଚାଷୀ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ ।
- କୃଷକ ଉତ୍ପାଦନ ଗୋଷ୍ଠୀର ଉତ୍କର୍ଷତା କେନ୍ଦ୍ରର ଗତ ମାର୍ଚ୍ଚ ମାସ ୨୦୨୪ରେ କୃଷି ବିଜ୍ଞାନ କେନ୍ଦ୍ର ଠାରେ ଶୁଭାରମ୍ଭ ହୋଇଥିଲା ।
- ଅଗଷ୍ଟ ୧୬ ରୁ ୨୨ ତାରିଖ ୨୦୨୪ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବିଭିନ୍ନ ଗ୍ରାମରେ ଗାଜର ଘାସର ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗାଜର ଘାସର ଉଭୟ ଫସଲ ଓ ମାନବ ସମାଜ ଉପରେ ଥିବା କୁପ୍ରଭାବ ସହ ଏହି ଘାସ ଦମନର ବିଭିନ୍ନ ପଦକ୍ଷେପ ଉପରେ ସଚେତନ କରାଯାଇଥିଲା ।
- କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା କୃଷି ବିଭାଗର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାର ୧୭ ତମ କିସ୍ତି ବିତରଣର ସିଧା ପ୍ରସାରଣ କାର୍ଯ୍ୟକ୍ରମ ୧୮ ଜୁନ୍ ୨୦୨୪ ରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଏବଂ ମହାକାଳପଡା ବିଧାୟକ ଶ୍ରୀଯୁକ୍ତ ଦୁର୍ଗା ପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଯୋଜନାର ୧୮ତମ କିସ୍ତିର ବିତରଣ କାର୍ଯ୍ୟକ୍ରମ ୦୫ ଅକ୍ଟୋବର ୨୦୨୪ରେ ଅନୁଷ୍ଠିତ ହୋଇଥିଲା ।

## ସଂକ୍ଷେପରେ ସମ୍ବାଦ

- ଗତ ଡିସେମ୍ବର ୨୦୨୩ ଡ. ମୁଥୁକୁମାର, IAS ଓ' ବୋର୍ଡ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ପୂର୍ବତନ କୃଷି ବିଭାଗର ନିର୍ଦ୍ଦେଶକ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ ।
- କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଗତ ଏପ୍ରିଲ୍ ୨୦୨୪ ରେ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନରେ ଆସିଥିଲେ ।
- ଓୟୁଏଟିର ପ୍ରତିଷ୍ଠା ଦିବସ ଅବସରରେ 'ଗୁପ୍ତି FPCL' କୁ ଶ୍ରେଷ୍ଠ କୃଷକ ଉତ୍ପାଦକ ଗୋଷ୍ଠୀ ହିସାବରେ ସମ୍ମାନିତ କରାଯାଇଥିଲା ।
- ଜର୍ମାନୀର WTG ର ପର୍ଯ୍ୟାଲୋଚନା ମୁଖ୍ୟ ନତାଶା ପାନ୍ସିକ୍ ୨୦୨୪ ଜୁଲାଇ ୯ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦ୍ରାପଡା ପରିଦର୍ଶନରେ ଆସିଥିଲେ ।
- କ୍ଷେତ୍ର ବିଜ୍ଞାନ ବୈଜ୍ଞାନିକ ଡ.ତାପସ ରଞ୍ଜନ ସାହୁ, ପ୍ରାକୃତିକ କୃଷି ଅନ୍ତର୍ଗତ କାର୍ଯ୍ୟକ୍ରମରେ ଡିସେମ୍ବର ୨୦୨୩ ରେ ୧୦ ଦିନିଆ ଦକ୍ଷତା ଭିତ୍ତିକ ତାଲିମ୍ ନିମନ୍ତେ ଜମ୍ମୁକାଶ୍ମୀର ଓ ୨୦୨୪ ମାର୍ଚ୍ଚରେ ୫ ଦିନିଆ ତାଲିମ୍ ନିମନ୍ତେ ଗୁଜୁରାଟ ଗସ୍ତ କରିଥିଲେ ।
- ଦକ୍ଷତା ବିକାଶ ନିମନ୍ତେ ଉଦ୍ୟାନ ବିଭାଗ ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର ଏକ ୫ ଦିନିଆ ତାଲିମ୍ ନିମନ୍ତେ ଗତ ମଇ ୨୦୨୪ ରେ ହାଇଦ୍ରାବାଦ୍ ଏବଂ ୩ ଦିନିଆ ତାଲିମ୍ କାର୍ଯ୍ୟକ୍ରମ ନିମନ୍ତେ ଗତ ମାର୍ଚ୍ଚ ୨୦୨୪ ରେ ରାୟପୁର ଏବଂ ଜୁଲାଇ ୨୦୨୪ ରେ ଆସାମ ସ୍ଥିତ ମୋହିତ ନଗର ଗସ୍ତ କରିଥିଲେ ।

**ପ୍ରକାଶକ ଓ ମୁଖ୍ୟ ସମ୍ପାଦକ**

ଡଃ. ଅରବିନ୍ଦ ଦାସ (ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

**ସମ୍ପାଦନା ମଣ୍ଡଳୀ :** ଡଃ. ଗାୟତ୍ରୀ ସାହୁ, ଡଃ. ତାପସ ରଞ୍ଜନ ସାହୁ
ନମିତା ମହାପାତ୍ର, ଡଃ. ପ୍ରଭଞ୍ଜନ ମିଶ୍ର, ମାନସ ରଞ୍ଜନ ବେହେରା,
ପ୍ରଭାତ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ବିପ୍ର ଚରଣ ସ୍ୱାଇଁ, ମାତୃ ପ୍ରସାଦ ମହାନ୍ତି

**ଯୋଗାଯୋଗ**

**କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା**
E-mail : kvk.kendrapara@ouat.ac.in
ଦୂରଭାଷ : ୦୬୭୨୭-୨୯୭୫୫୪

ମୁଦ୍ରଣ : **ସାଇକୃପା ଗ୍ରାଫିକ୍ସ, ଭୁବନେଶ୍ୱର,** ୯୪୩୭୧୭୭୭୭୫